# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 14 July – 2026

***********************************

## ମୁଖ୍ୟ ସମ୍ବାଦ

- ପୁରୀ ଶ୍ରୀମନ୍ଦିରରେ ଆଜି ନବଯୌବନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି
- ଭୁବନେଶ୍ୱର ଲୋକସେବା ଭବନରେ ଅପରାହ୍ଣରେ ହେବ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ
- ଦେୟମୁକ୍ତ ଶିକ୍ଷା ବ୍ୟବସ୍ଥା ଉପରେ ମାର୍ଗଦର୍ଶିକା ଜାରି କଲେ ରାଜ୍ୟ ସରକାର
- ରାଜ୍ୟରେ କୋଭିଡ୍ ସ୍ଥିତିକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପରେ ପରିଣତ ସମ୍ଭାବନା; ରାଜ୍ୟରେ ଲାଗି ରହିଛି ବର୍ଷା

# ନବଯୌବନ ଦର୍ଶନ

**ପୁରୀ** ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉମାନଙ୍କ ନବଯୌବନ ଦର୍ଶନ ଅନୁଷ୍ଠିତ ହେଉଛି । ମହାପ୍ରଭୁଙ୍କ ନବଯୌବନ ଦର୍ଶନ ପୂର୍ବରୁ ଅଣସର ତାଟିରେ ପୂଜା ପାଉଥିବା ପଟିଦିଅଁମାନଙ୍କୁ ବିସର୍ଜନ କରାଯାଇଛି । ଶ୍ରଦ୍ଧାଳୁମାନେ ଶ୍ରୀବିଗ୍ରହଙ୍କୁ ଦାରୁବ୍ରହ୍ମ ରୂପରେ ଦର୍ଶନ କରିଛନ୍ତି । ଏହାକୁ ନବଯୌବନ ଦର୍ଶନ କୁହାଯାଏ ।

ଶୁଣନ୍ତୁ ଏ ସମ୍ପର୍କିତ ଏକ ରିପୋର୍ଟ...

ପୁରୀ ଶ୍ରୀମନ୍ଦିରରେ ଆଜି ଦଉ ମହାପାତ୍ର ସେବକମାନଙ୍କ ଦ୍ୱାରା ବନକଲାଗି ନୀତି ଶେଷ ହେବା ପରେ ଦଇତାପତିମାନେ ଭିତରକୁ ଯାଇ ଚକା ଅପସାର କରିଛନ୍ତି । ଏହାପରେ ଦଶଅବତାର ଠାକୁରମାନଙ୍କ ନିକଟରେ ମଙ୍ଗଳଆଳତି, ମଇଲମ ଓ ଅବକାଶ ନୀତି କରାଯାଇଛି । ପରେ ମହାଜନ ସେବକମାନେ ୫ ମୂର୍ତ୍ତି ବିଜେ ପ୍ରତିମାଙ୍କୁ ଦକ୍ଷିଣୀ ଘର ଓ ଭୂଦେବୀ-ଶ୍ରୀଦେବୀଙ୍କୁ ଖଟଶେଯ ଘରକୁ ବିଜେ କରାଇଥିଲେ । ତିନିପଟି ଦିଅଁଙ୍କୁ ବିମଳା ମନ୍ଦିର ପାର୍ଶ୍ୱରେ ଥିବା ମଣ୍ଡଣି ଘରକୁ ବିଜେ କରାଯିବା ସହ କୋଠ ସୁଆଁସିଆ ଅଣସର ତାଟିଗୁଡ଼ିକୁ ଖୋଲିଥିଲେ । ଭିତର କାଠ ନିକଟରୁ ପ୍ରଥମେ ପରିମାଣିକ ଦର୍ଶନ ଓ ପରେ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହେବ ।

ଶୃଙ୍ଖଳିତ ଦର୍ଶନ ପାଇଁ ପୁଲିସ୍ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଆଉ ଦୁଇଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ । ଶ୍ରୀବିଗ୍ରହମାନଙ୍କୁ ସ୍ୱାଗତ କରିବା ପାଇଁ ରଥ ଓ ପଥ ସମ୍ପୂର୍ଣ୍ଣ ପ୍ରସ୍ତୁତ

ହୋଇଛି। ରଥାରୂଢ଼ ଶ୍ରୀବିଗ୍ରହଙ୍କ ଦିବ୍ୟ ଦର୍ଶନର ମହାର୍ଘ୍ୟ ମୁହୂର୍ତ୍ତକୁ ଭକ୍ତ ଚାହିଁ ରହିଛି। ଶ୍ରୀକ୍ଷେତ୍ର ପୁରୀରେ ଏହି ଶୁଭ ଅବସର ପାଇଁ ଭକ୍ତି ଓ ଭାବମୟ ପରିବେଶ ସୃଷ୍ଟି ହୋଇଛି।

ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ନବଯୌବନ ଦର୍ଶନ

**ନୂଆପଡା** ଜିଲ୍ଲା ଖଡିଆଳ ବ୍ଲକ୍ ବରଗାଁ ଜଗନ୍ନାଥ ମନ୍ଦିରରେ  ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସରରେ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ଣରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଏଥିରେ ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି। ବୈଠକରେ ମନ୍ତ୍ରୀ ପରିଷଦର ସଦସ୍ୟଙ୍କ ସହ ବିଭାଗୀୟ ମୁଖ୍ୟ ଉପସ୍ଥିତ ରହିବେ ବୋଲି ଜଣାପଡିଛି।

## ମାର୍ଗଦର୍ଶିକା

ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। କେ.ଜି.ରୁ ପି.ଜି. ଦେୟମୁକ୍ତ ଶିକ୍ଷା ବ୍ୟବସ୍ଥାର ମାର୍ଗଦର୍ଶିକା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି, କୌଣସି ଶିକ୍ଷାନୁଷ୍ଠାନ ସ୍ୱଇଚ୍ଛାରେ  ଦେୟ ବୃଦ୍ଧି କରିପାରିବେ ନାହିଁ।

ଆର୍ଥିକ ସ୍ୱଚ୍ଛଳ ନଥିବା ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରୁ ବଂଚିତ ନ ହେବା ପାଇଁ ଏଥିରେ ଗୁରୁତ୍ୱ ଦିଆଯାଇଛି । ଏଥିସହ ବୃତ୍ତିଗତ ଶିକ୍ଷାକୁ କେ.ଜି.ରୁ ପି.ଜି. ମାଗଣା ଶିକ୍ଷା ବ୍ୟବସ୍ଥାରୁ ବାଦ୍ ଦିଆଯାଇଛି । ଚଳିତବର୍ଷ ରି-ଆଡମିଶନ ମଧ୍ୟ ସାମ୍ସ ପୋର୍ଟାଲ ଜରିଆରେ କରିହେବ । ନାମ ଲେଖାଇବା ସମୟରେ ଅର୍ଥ ପ୍ରଦାନ କରିଥିବା ଛାତ୍ରଛାତ୍ରୀଙ୍କୁ ପରବର୍ତ୍ତୀ ସମୟରେ ଅର୍ଥ ଫେରସ୍ତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ।

## କୋଭିଡ୍

ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁରେ କୋଭିଡ୍-୧୯କୁ ଦୃଷ୍ଟିରେ ରଖି ଆଜି ଭୁବନେଶ୍ୱର ଲୋକସେବା ଭବନରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ହସ୍‌ପିଟାଲଗୁଡ଼ିକୁ ପ୍ରସ୍ତୁତ ରହିବା ସହ କରୋନା ଟେଷ୍ଟିଂ କିଟ୍ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସରକାର ସଂପୂର୍ଣ୍ଣ ପ୍ରସ୍ତୁତ ରହିବା ସହିତ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୋଗାଯୋଗରେ ଅଛନ୍ତି । ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ।  କୋଭିଡ୍‌ର କୌଣସି ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ପରୀକ୍ଷା କରାଇ ନେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

## ଔଷଧ ମୂଲ୍ୟ ହ୍ରାସ

କେନ୍ଦ୍ର ସରକାର ୩୬ଟି ଅତ୍ୟାବଶ୍ୟକ ଔଷଧର ଖୁଚୁରା ମୂଲ୍ୟ ପୁନଃ ନିର୍ଦ୍ଧାରଣ କରିଛନ୍ତି । କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ଅଧୀନରେ ଥିବା

ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ-ଏନ୍.ପି.ପି.ଏ. ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ଏହି କ୍ରମରେ ରାଜ୍ୟର ସମସ୍ତ ଔଷଧ ଦୋକାନ ସମ୍ମୁଖରେ ପୁନଃନିର୍ଦ୍ଧାରିତ ଦର ଲଗାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି।

ଏହି ତାଲିକାରେ ବିଶେଷ କରି ଉଚ୍ଚ ରକ୍ତଚାପ, ମଧୁମେହ, ହୃଦ୍‌ରୋଗ, କର୍କଟ, ସଂକ୍ରମଣ, ଶ୍ୱାସରୋଗ ଓ ଆଖି ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ଔଷଧର ମୂଲ୍ୟ ସ୍ଥିର ରଖାଯାଇଛି।

## ଗୋପବନ୍ଧୁ-ପୂଣ୍ୟତିଥି

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ରାଜ୍ୟବାସୀ ଆଜି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ସେବା, ସଂଗ୍ରାମ, ସଂସ୍କାର ଓ ତ୍ୟାଗର ପ୍ରତୀକ ପଣ୍ଡିତ ଗୋପବନ୍ଧୁ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖରେ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନିକଟସ୍ଥ ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ମାନବ ସେବାକୁ ମାଧବ ସେବା ଭାବେ ନୀତି କରିଥିବା ଗୋପବନ୍ଧୁ କର୍ମକୁ ଜୀବନର ମାନଦଣ୍ଡ ଭାବେ ବାଛିଥିଲେ।

ଗୋପବନ୍ଧୁ ୧୯୧୭ ମସିହାରୁ ୧୯୨୧ ମସିହା ପର୍ଯ୍ୟନ୍ତ ବିହାର-ଓଡ଼ିଶା ବିଧାନସଭାର ସଦସ୍ୟ ଏବଂ ୧୯୨୧ ମସିହାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ। ପୂର୍ବରୁ ୧୯୦୩

ମସିହାରେ ଉତ୍କଳ ସମ୍ମିଳନୀରେ ସକ୍ରିୟ ଭୂମିକା ଗ୍ରହଣ କରିବା ସହିତ ୧୯୦୯ ମସହାରେ ପୁରୀର ସତ୍ୟବାଦୀଠାରେ ବକୁଳ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ସେ ମଧ୍ୟ ଅଗ୍ରଣୀ ଦୈନିକ ଖବରକାଗଜ 'ସମାଜ'ର ପ୍ରତିଷ୍ଠାତା ଥିଲେ।

ଏହି ଅବସରରେ ବିଧାନସଭା ପରିସରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ଓଡ଼ିଶାର ସ୍ୱାଭିମାନ, ସେବା, ତ୍ୟାଗ ଓ ମାନବିକତାର ପ୍ରତୀକ ଉତ୍କଳମଣିଙ୍କ ଆଦର୍ଶ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଲୋକକଲ୍ୟାଣ ଓ ସମାଜସେବା ପ୍ରତି ତାଙ୍କର ଅତୁଳନୀୟ ଅବଦାନ ଆଗାମୀ ପିଢ଼ିକୁ ସଦା ସର୍ବଦା ପଥ ପ୍ରଦର୍ଶନ କରିବ ବୋଲି ଶ୍ରୀ ମାଝୀ କହିଛନ୍ତି।

**- V/O - (CM)**

ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଦୁଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡାଙ୍କ ସମେତ ମନ୍ତ୍ରୀ ମଣ୍ଡଳ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

**ମାଲକାନଗିରି** ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟ ପରିସରରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳନ

କାର୍ଯ୍ୟକ୍ରମରେ ସାଂସଦ ବଳଭଦ୍ର ମାଝୀ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନାଦର୍ଶ, କର୍ତ୍ତବ୍ୟପରାୟଣତା ଓ ତ୍ୟାଗ ସମ୍ପର୍କରେ ଆଲୋଚନା କରିଥିଲେ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଆବେଦନ ତାରିଖ ଘୋଷଣା କରିଛନ୍ତି। ଏଥିପାଇଁ ଆବେଦନ ପ୍ରକ୍ରିୟା ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଆସନ୍ତା ମାସ ୧୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏ ନେଇ ଭୁବନେଶ୍ୱର ପର୍ଯ୍ୟଟନ ଭବନ ପରିସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମତୀ ପରିଡା କହିଛନ୍ତି, ପର୍ଯ୍ୟଟନ ବିଭାଗ ଏବଂ ପରିବହନ ବିଭାଗର ସହଯୋଗରେ ଚଳିତବର୍ଷ ବରିଷ୍ଠ ନାଗରିକମାନଙ୍କୁ ବାରଣାସୀ-ଅଯୋଧ୍ୟା, ରାମେଶ୍ୱରମ୍-ମଦୁରାଇ ଏବଂ ହରିଦ୍ୱାର-ଋଷିକେଶ ଭଳି ପବିତ୍ର ତୀର୍ଥସ୍ଥଳି ଭ୍ରମଣର ସୁଯୋଗ ପ୍ରଦାନ କରାଯିବ। ଯାତ୍ରା ସମୟରେ ପରିବହନ, ରହଣି, ଖାଦ୍ୟପେୟ, ଯାତ୍ରୀବୀମା ଓ ଚିକିତ୍ସା ଆଦି ବ୍ୟବସ୍ଥା କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ବରିଷ୍ଠ ନାଗରିକଙ୍କ ଆଧ୍ୟାତ୍ମିକ ଆକାଂକ୍ଷା ଓ ତୀର୍ଥଯାତ୍ରାର ଅଭିଳାଷକୁ ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଯୋଜନାର ଆରମ୍ଭ କରାଯାଇଛି।

# ନମସ୍ତେ ଦିବସ

ସଫେଇ କର୍ମଚାରୀଙ୍କ ଅବଦାନକୁ ସମ୍ମାନ ଜଣାଇବା ଏବଂ ସୁରକ୍ଷିତ ଯାନ୍ତ୍ରିକ ସ୍ୱଚ୍ଛତା ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆଜି ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ 'ନମସ୍ତେ ଦିବସ' ପାଳନ କରାଯାଉଛି। ଏହି ଅବସରରେ ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ବୃତ୍ତିଗତ ସୁରକ୍ଷା ପ୍ରଶିକ୍ଷଣ, ସରକାରୀ କଲ୍ୟାଣ ଯୋଜନାରେ ସଂଯୋଗ ଶିବିର, ଆୟୁଷ୍ମାନ୍ ଭାରତ କାର୍ଡ ଓ 'ନମସ୍ତେ' ପରିଚୟପତ୍ର ବଣ୍ଟନ, ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀ ବିତରଣ ଏବଂ ଆଧୁନିକ ଯାନ୍ତ୍ରିକ ସ୍ୱଚ୍ଛତା ଉପକରଣର ପ୍ରଦର୍ଶନୀ ଆୟୋଜନ କରାଯିବ। ଉଲ୍ଲେଖନୀୟ ସେବା ପାଇଁ ସଫେଇ କର୍ମଚାରୀଙ୍କୁ ସମ୍ମାନିତ ମଧ୍ୟ କରାଯିବ।

# ପାଣିପାଗ

ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ ଦକ୍ଷିଣ ବାଂଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଥିବାରୁ ଉତ୍ତର-ଓଡ଼ିଶା ଏବଂ ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ପ୍ରବଳ ବର୍ଷା ଲାଗି ରହିଛି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ ୧୩ଟି

ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରାପଡା ଜିଲ୍ଲା ରାଜନଗରରେ ସର୍ବାଧିକ ୧୫୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୧୦ ଦଶମିକ ୨/୧ ଘନଫୁଟ ରହିଛି। ବର୍ତ୍ତମାନ ଜଳଭଣ୍ଡାରର ଗୋଟିଏ ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧୪ ହଜାର ୬୨୪ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୩୮ ହଜାର ୬୯୯ ଘନଫୁଟ ଜଳ ନିଷ୍କାସିତ ହେଉଛି।

## ବର୍ଷା–ସ୍କୁଲ ବନ୍ଦ

**ଭଦ୍ରକ** ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଆଜି ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର କେନ୍ଦ୍ରୀୟ ରୋଷେଇ ବ୍ୟବସ୍ଥା ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନ ଭୋଜନ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯିବ।